# NATIONAL NEWS BULLETIN (ODIA)
## 5 June - 2026
## Evening Bulletin : 7.15 p.m.

*************************************

## ମୁଖ୍ୟ ସମ୍ବାଦ

- ଅର୍ଥନୈତିକ ଅଭିବୃଦ୍ଧି ଓ ପରିବେଶ ସଂରକ୍ଷଣ ମଧ୍ୟରେ ସନ୍ତୁଳନ ରକ୍ଷା କରି ସବୁଜ ଭବିଷ୍ୟତ ଦିଗରେ ଅଗ୍ରସର ହେଉଛି ଭାରତ, କହିଲେ ପ୍ରଧାନମନ୍ତ୍ରୀ ।
- ସୀମାପାର ଅନୁପ୍ରବେଶକୁ ରୋକିବା ପାଇଁ ଆସନ୍ତା ବର୍ଷ କାର୍ଯ୍ୟକାରୀ ହେବ ସ୍ମାର୍ଟ୍ ସୀମା ପ୍ରକଳ୍ପ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସୂଚନା ।
- ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶର ଜି.ଡି.ପି. ୭ ଦଶମିକ୍ ୭ ପ୍ରତିଶତ ବୃଦ୍ଧି ପାଇବା ନେଇ ଆକଳନ ।
- ଗିଲଗିଟ୍-ବାଲତିସ୍ତାନ ଭାରତର ଅବିଚ୍ଛେଦ ଅଙ୍ଗ ବୋଲି ସ୍ପଷ୍ଟ କଲା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ।

ଏବଂ

- କେରଳମ୍ ସ୍ପର୍ଶ କଲା ପରେ ଦେଶର ଅନ୍ୟ ଅଞ୍ଚଳକୁ ଅଗ୍ରସର ହେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ।

# ପିଏମ୍-ସୁରତ ଭିଜିଟ୍

ସମଗ୍ର ବିଶ୍ୱ ଏକ ସବୁଜ ଭବିଷ୍ୟତ ଦିଗକୁ ଅଗ୍ରଗତି କରୁଛି । ଦେଶରେ ମଧ୍ୟ ଏ କ୍ଷେତ୍ରରେ ସରକାର ସଫଳତା ସହ କାର୍ଯ୍ୟ କରୁଥିବା ବେଳେ ସମଗ୍ର ବିଶ୍ୱ ପ୍ରତି ଏ ଦିଗରେ ଭାରତର ସକ୍ରିୟ ଅବଦାନ ଅତୁଳନୀୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଆଜି ଗୁଜରାଟ ଗସ୍ତ କରି ସୁରତ ଠାରେ ପ୍ରଧାନମନ୍ତ୍ରୀ ୧୮ ହଜାର ୮୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଲୋକାର୍ପଣ କରିବା ଅବସରରେ ଏହା କହିଛନ୍ତି । ସେ କହିଛନ୍ତି, ଭାରତ ସବୁଜ ଭବିଷ୍ୟତ ଦିଗରେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ପରିବେଶ ସଂରକ୍ଷଣ ମଧ୍ୟରେ ସନ୍ତୁଳନ ରକ୍ଷା କରି ଅଗ୍ରସର ହେଉଛି ।

ଏହି ଅବସରରେ ସବୁଜ ଭବିଷ୍ୟତ କ୍ଷେତ୍ରରେ ଗୁଜରାଟର ଉଲ୍ଲେଖନୀୟ କାର୍ଯ୍ୟ ଉପରେ ଆଲୋକପାତ କରି ସେ କହିଛନ୍ତି, ବହୁ ବର୍ଷ ଆଗରୁ ଏ ଦିଗରେ ରାଜ୍ୟ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇ ସାରିଛି ।

ଶତାବ୍ଦୀର ପ୍ରାରମ୍ଭରେ ଗୁଜରାଟରେ ଏକ ଉତ୍ସର୍ଗୀକୃତ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରତିଷ୍ଠା କରାଯାଇଥିଲା । ଦେଶର ପ୍ରଥମ ସୌର ଶକ୍ତି ଚାଳିତ ପାର୍କ ରାଜ୍ୟର ପାଟାନ୍ ଜିଲ୍ଲା ଅନ୍ତର୍ଗତ ଚାରଙ୍କା ଗ୍ରାମରେ ସ୍ଥାପିତ ହୋଇଥିଲା । ଦେଶର ଅକ୍ଷୟ ଶକ୍ତି ଅଭିଯାନ ଦିଗରେ ସମ୍ପୃକ୍ତ ସ୍ଥାନଟିକୁ

ଏକ ଐତିହାସିକ ସ୍ଥଳ ରୂପେ ରୂପାନ୍ତରିତ କରାଯାଇଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି ।

**VO-1-PM-SURAT-GREEN-GROWTH**

ବର୍ତ୍ତମାନ ବିଶ୍ୱରେ ଦେଖାଦେଇଥିବା ଶକ୍ତି ଜନିତ ସମସ୍ୟା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପରିପ୍ରେକ୍ଷୀରେ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା କେତେ ଜରୁରୀ ତାହା ଏହି ପରିସ୍ଥିତି ଆମକୁ ଶିଖାଇଛି । ଏ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଯୋଗୁଁ ଭାରତ ସୁରକ୍ଷିତ ରହିଛି । ପ୍ରାୟ ୧୨ ବର୍ଷ ତଳେ ଦେଶରେ ଖୁବ୍ କମ୍ ପରିମାଣର ଶକ୍ତି ଉତ୍ପାଦନ ହେଉଥିବା ବେଳେ ବର୍ତ୍ତମାନ ଭାରତ ବିଶ୍ୱର ପ୍ରଥମ ୫ଟି ଦେଶ ମଧ୍ୟରେ ସ୍ଥାନିତ ହୋଇପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**VO-2-PM-SURAT-ENERGY**

ସେ କହିଛନ୍ତି, ଆଜି ଲୋକାର୍ପଣ ହୋଇଥିବା ବିଭିନ୍ନ ସଡ଼କ, ଶକ୍ତି ଏବଂ ଶିଳ୍ପ କ୍ଷେତ୍ରର ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଜନସାଧାରଣଙ୍କର ଜୀବନଶୈଳୀର ମାନ ଏବଂ ଅଭିବୃଦ୍ଧି ଉନ୍ନତ ହୋଇପାରିବ । ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ଜନସାଧାରଣ ମିଳିତ ପ୍ରୟାସ କରିବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଦେଶର ସହରଗୁଡ଼ିକ ସହିତ ଗ୍ରାମଗୁଡ଼ିକର ମଧ୍ୟ ସମାନ୍ତରାଳ ଭାବେ ବିକାଶ

ହୋଇପାରିଲେ ଏହି ସ୍ୱପ୍ନ ସାକାର ହୋଇପାରିବ । ଆଧୁନିକ ସଂଯୋଗୀକରଣ ଉପରେ ଆଲୋକପାତ କରି ସମାଜର ଶେଷ ବର୍ଗର ଲୋକଙ୍କ ନିକଟରେ ଯେଭଳି ଏହାର ସୁବିଧା ପହଞ୍ଚିପାରିବ ତାହା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେଇ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ସେ ଦେଶର ସର୍ବୋତ୍ତମ ସ୍ୱଚ୍ଛ ସହରଗୁଡ଼ିକ ମଧ୍ୟରୁ ଅନ୍ୟତମ ସୁରତରେ ଅବସ୍ଥାନ କରୁଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

ଆଜି ଅପରାହ୍ଣରେ ସୁରତଠାରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ପ୍ରଥମେ ହାଜିରା ପରିଦର୍ଶନ କରିଥିଲେ । ସେଠାରେ ସେ ଜାରି ରହିଥିବା ବିଭିନ୍ନ ଭିତ୍ତିଭୂମି ତଥା ଶିଳ୍ପାନୁଷ୍ଠାନ କାର୍ଯ୍ୟର ପ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ।

# ଅମିତ ଶାହା

୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ସ୍ୱପ୍ନ ସାକାର କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିରନ୍ତର ପ୍ରୟାସ କରୁଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ।

ତେବେ ଦେଶର ସାମଗ୍ରୀକ ବିକାଶ ହାସଲ କରିବା ପୂର୍ବରୁ ସର୍ବପ୍ରଥମେ ଦେଶକୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ସେ କହିଛନ୍ତି । ଆଜି ତ୍ରିପୁରାର ଭାରତ-ବାଂଲଶଦେଶ ଆନ୍ତର୍ଜାତିକ ସୀମା ନିକଟବର୍ତ୍ତୀ ଲଙ୍କାମୁରା ସୀମା ଆଉଟ୍‌ପୋଷ୍ଟ ଠାରେ ଅନୁଷ୍ଠିତ ପ୍ରହରି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହି ମତବ୍ୟକ୍ତ କରିଛନ୍ତି । ଦେଶରୁ ଔଷଧ, ମାନବ ଓ ଗୋରୁ ଚାଲାଣ ଭଳି ବହୁମୁଖୀ ବିପଦଗୁଡ଼ିକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ଉପରେ ଶ୍ରୀ ଶାହା ଗୁରୁତ୍ୱାରୋପ କରିଛନ୍ତି । ଏଥିସହିତ ସମଗ୍ର ଯୁବ ସମାଜକୁ ନିଶାଦ୍ରବ୍ୟ କାରବାରରୁ ଦୂରେଇ ରଖିବା ସହିତ ନକଲି ନୋଟ୍ ମାଧ୍ୟମରେ ଜାତୀୟ ଅର୍ଥ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବାର ଅପଚେଷ୍ଟାକୁ ମଧ୍ୟ ରୋକିବା ଜରୁରୀ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ।

ସମସ୍ତ ପ୍ରକାର ସୀମାପାର ଅନୁପ୍ରବେଶ ଏବଂ ଚୋରା ଚାଲାଣକୁ ରୋକିବା ଲାଗି କେନ୍ଦ୍ର ସରକାର ପାରମ୍ପରିକ ସୀମା ପରିଚାଳନାକୁ ଏକ

ସ୍ମାର୍ଟ୍ ସୀମା ପ୍ରକଳ୍ପରେ ରୂପାନ୍ତରିତ କରିବା ଦିଗରେ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ କରିଛନ୍ତି । ଏହି ସ୍ମାର୍ଟ୍ ସୀମା ପ୍ରକଳ୍ପ ଆସନ୍ତାବର୍ଷ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ଶାହା କହିଛନ୍ତି ।

ଆଞ୍ଚଳିକ ଭୂ-ରାଜନୈତିକ ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ତ୍ରିପୁରା, ପଶ୍ଚିମବଙ୍ଗ ଓ ବିହାରର ସୀମା ଅନୁପ୍ରବେଶକୁ ରୋକିବା ତଥା ଜନସଂଖ୍ୟା ଜନିତ ପରିବର୍ତ୍ତନ କ୍ଷେତ୍ରରେ ମଧ୍ୟ ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି ।

**VO-3-AMIT-SHAH**

# ପିଏମ୍-ଜିଡିପି

୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଦେଶର ଜି.ଡି.ପି. ଅଭିବୃଦ୍ଧିହାର ୭ ଦଶମିକ୍ ୭ ପ୍ରତିଶତ ହେବା ସହିତ ଚତୁର୍ଥ ତ୍ରୈମାସିକରେ ୭ ଦଶମିକ୍ ୮ ପ୍ରତିଶତକୁ ଛୁଇଁବାର ଆକଳନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ଅର୍ଥ ବ୍ୟବସ୍ଥାର ଅନ୍ତର୍ନିହିତ ଶକ୍ତିର ପ୍ରତିଫଳନ ବୋଲି ଅଭିହିତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୋଦୀ କହିଛନ୍ତି, ୧୪୦ କୋଟି ଭାରତୀୟଙ୍କର କଠିନ ପରିଶ୍ରମ ଏବଂ ସଂସ୍କାର ମୂଳକ ପଦକ୍ଷେପର ସଫଳତା ଏହା ଦ୍ୱାରା ପ୍ରତିଫଳିତ ହେଉଛି ।

ଭାରତର ଅଭିବୃଦ୍ଧି ଗତି ସଶକ୍ତ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ଯୁବବର୍ଗଙ୍କ ଲାଗି ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ସହିତ ଦେଶରେ ଜୀବନଶୈଳୀର ମାନ ଏବଂ ବ୍ୟାବସାୟିକ କାର୍ଯ୍ୟକୁ ଅଧିକ ସରଳ କରିବା ଦିଗରେ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେବେ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ।

## ଇଣ୍ଡିଆ-ପାକ୍

ତଥାକଥିତ 'ଗିଲ୍‌ଗିଟ୍-ବାଲତିସ୍ତାନ ବିଧାନସଭା' ଲାଗି ସାଧାରଣ ନିର୍ବାଚନ କରାଇବା ଦିଗରେ ପାକିସ୍ତାନର ଯୋଜନା ବିରୁଦ୍ଧରେ ଭାରତ ଦୃଢ଼ ପ୍ରତିବାଦ କରିଛି । ଏହି ଗିଲ୍‌ଗିଟ୍-ବାଲତିସ୍ତାନ ଭାରତୀୟ ଅଞ୍ଚଳର ହୋଇଥିବା ବେଳେ ପାକିସ୍ତାନ ଏହାକୁ ବେଆଇନ୍ ଭାବେ ନିଜ ଅକ୍ତିଆରରେ ରଖିଛି । ସେଠାରେ ଆସନ୍ତା ୭ ତାରିଖ ଦିନ ନିର୍ବାଚନ ହେବାର କାର୍ଯ୍ୟସୂଚୀ ରହିଛି । ତେବେ ଜାମ୍ମୁ କାଶ୍ମୀର ଓ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ସମେତ ଗିଲଗିଟ୍-ବାଲତିସ୍ତାନ ଦେଶର ଅଭିଚ୍ଛେଦ୍ୟ ଅଙ୍ଗ ବୋଲି ଭାରତ ସ୍ପଷ୍ଟ କରିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ।

## ନେପାଳ ଏଫ୍‌ଏମ୍‌-ଭିଜିଟ୍‌

ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶିଶିର ଖାନାଲ ଏକ ତିନି ଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ତାଙ୍କ ଭାରତୀୟ ପ୍ରତିପକ୍ଷ ଡକ୍ଟର ଏସ୍‌. ଜୟଶଙ୍କରଙ୍କ ନିମନ୍ତ୍ରଣ କ୍ରମେ ସେ ଆସିଥିବା ଜଣାଯାଇଛି । ଏ ସମ୍ପର୍କରେ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଦୁଇଦେଶର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ମଧ୍ୟରେ ଆସନ୍ତାକାଲି ଆଲୋଚନା ହେବ । ବିଶେଷ କରି ବାଣିଜ୍ୟ ଓ ପୁଞ୍ଜିନିବେଶ ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଆଦି ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇବ । ନେପାଳ ସହିତ ବହୁବିଧ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ଲାଗି ଭାରତ ଆଗ୍ରହୀ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

## ମାଇଁ ଭାରତ

ନୂଆଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ଆସନ୍ତାକାଲି ‘ବିକଶିତ ଭାରତ ପାଇଁ ଯୁବପିଢ଼ି - ମାଇଁ ଭାରତ ୟୁଥ କନଭେନସନ’ ଅନୁଷ୍ଠିତ

ହେବ। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମେରା ଯୁବା ଭାରତ' ପକ୍ଷରୁ ଏହି ସମ୍ମିଳନୀର ଆୟୋଜନ କରାଯାଉଛି। ଦେଶର ବିଭିନ୍ନ ପ୍ରାନ୍ତରୁ ୬ ହଜାରରୁ ଅଧିକ ଯୁବ ପ୍ରତିନିଧି ଏଥିରେ ଯୋଗଦେବେ।

## ମନସୁନ

କେରଳମ୍ ସ୍ପର୍ଶ କରିବା ପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଇତିମଧ୍ୟରେ ଆରବ ମହାସାଗାରର ପୂର୍ବ କେନ୍ଦ୍ରାଞ୍ଚଳ ଏବଂ ପଶ୍ଚିମ କେନ୍ଦ୍ରାଞ୍ଚଳର ଅନେକ ସ୍ଥାନ ସମେତ ଗୋଆ ଏବଂ କର୍ଣ୍ଣାଟକର କେତେକ ଅଞ୍ଚଳରେ ପ୍ରବେଶ କରିସାରିଛି । ଆଜି ଏଥିଲାଗି ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ତାମିଲନାଡୁରେ ମଧ୍ୟ ଅନୁକୂଳ ପରିବେଶ ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ସେହିଭଳି କେନ୍ଦ୍ରୀୟ ଆରବ ମହାସାଗର, କର୍ଣ୍ଣାଟକ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶର କେତେକ ଅଞ୍ଚଳ ଏବଂ ଗୋଆ, ତାମିଲନାଡୁ ଓ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଅବଶିଷ୍ଟ ସ୍ଥାନରେ ମୌସୁମୀ ପ୍ରବେଶ କରିବା ଲାଗି ଅନୁକୂଳ ପରିବେଶ ରହିଛି ବୋଲି ପାଣିପାଗ ବିଭାଗ କହିଛି ।